RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -48 | ସଂଖ୍ୟା-୪୮
ଭୁବନେଶ୍ୱର, ମଙ୍ଗଳବାର ୨୮ ଏପ୍ରିଲ୍ ୨୦୨୬
Bhubaneswar, Tuesday 28 April, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

# MANTHAN ମନ୍ଥନ

www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଅଶୁଭ ସୋମବାର
# ଦିନକରେ ଦୁର୍ଘଟଣାରେ ୭ ମୃତ, ଏକାଧିକ ଆହତ

ମୟୂରଭଞ୍ଜ / କଳାହାଣ୍ଡି, ୨୭।୪(ନି.ପ୍ର.): : ଅଶୁଭ ସୋମବାର । ରାଜ୍ୟର ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଚାଲି ଯାଇଛି । କଳାହାଣ୍ଡିରେ ବାଇକ ଦୁର୍ଘଟଣାରେ ମାମୁଁ-ଭାଣିଜୀଙ୍କର ମୃତ୍ୟୁ ହୋଇଛି । ସେପଟେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆରେ ଦୁଇଟି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

**ଦୁର୍ଘଟଣାରେ ଦମ୍ପତ୍ତି ମୃତ**

ପ୍ରାପ୍ତ ପ୍ରାଥମିକ ସୂଚନା ମୁତାବକ, କରଞ୍ଜିଆ ଅଞ୍ଚଳରେ ପୃଥକ ପୃଥକ ୨ଟି ମର୍ମନ୍ତୁଦ ସଡକ ଦୁର୍ଘଟଣା ହୋଇଛି । ପ୍ରଥମେ କରଞ୍ଜିଆ ଥାନା କାଳିକାପୁର ଜଙ୍ଗଲ ନିକଟସ୍ଥ ଏନ୍.ଏଚ୍.-୨୨୦ର ବାଉନଶାଳ ନିକଟରେ ସ୍କ ?ର୍ପିଓ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକରେ ଥିବା ଦମ୍ପତ୍ତି ଛିଟିକି ପଡ଼ିଥିଲେ । ଘଟଣା ସ୍ଥଳରେ ହିଁ ସେମାନଙ୍କର ପ୍ରାଣ ବାୟୁ ଉଡ଼ିଯାଇଛି । ମୃତ ଦମ୍ପତି ଜଶିପୁର ଥାନା ପାଣ୍ଡ ଗାଁର ହୋଇଥିବା ବେଳେ ସ୍କ ?ର୍ପିଓରେ ଥିବା ୨ ଜଣ ମହିଳା ଆହତ ହୋଇଛନ୍ତି । ସେମାନଙ୍କୁ କରଞ୍ଜିଆ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

ସେହିପରି କରଞ୍ଜିଆ ଥାନା କାଦଡ଼ିହା ଜଙ୍ଗଲ ନିକଟରେ ଆଉ ଏକ ଦୁର୍ଘଟଣା ଘଟିଛି । ପ୍ରଶାନ୍ତି ନାମକ ଘରୋଇ ବସ ସହିତ ମାରୁତି ବ୍ରିଜା କାର ମୁହାଁମୁହିଁ ଧକ୍କା ହୋଇଛି । ଫଳରେ କାରରେ ଥିବା ୩ଜଣଙ୍କ ମଧ୍ୟରୁ ୨ମୃତ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସ୍ଥାନୀୟ ଲୋକେ ଗୁରୁତର ଜଣଙ୍କୁ ଉଦ୍ଧାର କରି କରଞ୍ଜିଆ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ସଙ୍ଗେ ସଙ୍ଗେ କେନ୍ଦୁଝରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । କାରରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଦୁଇ ଜଣ ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳର ହୋଇଥିବାବେଳେ କାର୍ ମାଲିକ ଭୁବନର ଅଟନ୍ତି । ମୃତକ ମାନେ ହେଲେ ଟୁନା ବଳ ସାମନ୍ତ, ନୀଳମଣି ସାହୁ ଏବଂ ସଞ୍ଜୟ ବଳ ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ସମସ୍ତେ ଖଣି ବ୍ୟବସାୟୀ ଅଟନ୍ତି । ବ୍ୟବସାୟିକ କାମରେ ଯାଜପୁର ଠାକୁରମୁଣ୍ଡା ଅଭିମୁଖେ ଆସୁଥିବାବେଳେ ବସ୍ ସହ ଧକ୍କା ହୋଇଥିଲା । ତେବେ ବସରେ ଥିବା ଯାତ୍ରୀଙ୍କର ବିଶେଷ କିଛି କ୍ଷତି ହୋଇ ନାହିଁ । ପୋଲିସ ଦୁର୍ଘଟଣା ସ୍ଥଳରେ ପହଁଚି କାର ଓ ବସକୁ ଜବତ କରିଛି ।

ଅନ୍ୟପକ୍ଷେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବୁଡିପଦର ଛକରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି । ଏକ ଅଜଣା ପିକଅପ ଧକ୍କାରେ ମାମୁ, ଭଣଜାଙ୍କ ମୃତ୍ୟୁ ହୋଇଛି । । ମୃତକ ମାନେ ହେଲେ ଜୁନାଗଡ଼ ଥାନା ଚିକିଲି ଗାଁର ମୁକେଶ ନାଗ ଓ ମାଟିଗାଁର ମହେନ୍ଦ୍ର ନାଏକ ବୋଲି ପରିଚୟ ମିଳିଛି କ୍ଷ ମୁକେଶ ନାଗ ଓ ମହେନ୍ଦ୍ର ନାଏକ ଏକ ବାଇକ ((ଓଡ଼ି୦୮ଭି ୭୧୧୨)ରେ ସେମାନେ ଜୁନାଗଡ଼କୁ ଯାଉଥିବାବେଳେ ବୁଡିପଦର ଛକ ଠାରେ ଏକ ଅଜଣା ପିକଅପ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଘଟାଇ ଥିବା ପିକଅପଟି ଘଟଣା ସ୍ଥଳରୁ ଫେରାର ମାରିଥିବା ଜଣାପଡିଛି । ଖବର ପାଇ ଜୁନାଗଡ଼ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଓଡ଼ିଶାର ଡାଲମା ଖାଇଲେ ଜାପାନ ରାଷ୍ଟ୍ରଦୂତ

ଭୁବନେଶ୍ୱର, ୨୭।୪(ନି.ପ୍ର.): ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସଡବ୍ଲୁ ଓ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଏକ ଜଏଂଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, ''ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।''ରାଷ୍ଟ୍ରଦୂତ ମିଷ୍ଟର ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) ।

ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ନିଲମ୍ବିତ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର, ୨୭।୪(ନି.ପ୍ର.): ନିଲମ୍ବିତ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଭେଟିଛି ବିଜେଡି. । ସୋମବାର ଦିନ ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ପରେ ବିଜେଡି ବିଧାୟକମାନେ ବାଚସ୍ପତିଙ୍କୁ ଭେଟି ଦାବି ଜଣାଇଥିଲେ । ସୂଚନାଯୋଗ୍ୟ ଯେ ବିଜେଡିର ୬ ଜଣ ବିଧାୟକ ଦେବୀ ରଂଜନ ତ୍ରିପାଠୀ , ସୌଭିକ ବିଶ୍ୱାଳ , ନବ ମଲ୍ଲିକ , ରମାକାନ୍ତ ଭୋଇ , ସୁବାସିନୀ ଜେନା ଓ ଚକ୍ରମଣି କଁହର ରାଜଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ନିଲମ୍ବିତ ହୋଇଥିଲେ । ଏହା ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଥିଲା ବିଜେଡି ।

## ଧରାପଡ଼ିଲା ଗ୍ୟାସ କଳାବଜାରୀ; ରାଜଧାନୀରୁ ଜବତ ହେଲା ସିଲିଣ୍ଡର ଭର୍ତ୍ତି ଗାଡି, ବସ୍ତି ଲୋକଙ୍କ ନାଁରେ ଖୋଲାଯାଉଥିଲା ଖାତା

ଭୁବନେଶ୍ୱର:ରାଜଧାନୀରୁ ପୁଣି ଜବତ ହେଲା ସିଲିଣ୍ଡର ଭର୍ତ୍ତି ଗାଡି । ଗ୍ୟାସ ବୋଝେଇ ଗାଡି ଜବତ କରି ଜଣଙ୍କୁ ଗିରଫ କରିଛି ପୋଲିସ ।ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୋଲିସ ଚ ?ାଉ କରି ସିଲିଣ୍ଡର ଭର୍ତ୍ତି ଗାଡ଼ିକୁ ଜବତ କରିଛି । ଚନ୍ଦ୍ରଶେଖରପୁର ଚୁନୁକୋଳି ବସ୍ତିରୁ ଠାବ ହୋଇଛି ଗ୍ୟାସ ଗାଡି । ସିଲିଣ୍ଡର ପିଛା ସା ? ? ୩ ହଜାର ଟଙ୍କାରେ ବିକ୍ରି ହେଉଥିବା ବେଳେ ଚ ?ାଉ କରିଥିଲା ପୋଲିସ । ୧୧ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ସହ ୮ଟି ଖାଲି ସିଲିଣ୍ଡର ଜବତ ହୋଇଛି ।ଟେମ୍ପୋରେ ଗ୍ୟାସ ସିଲିଣ୍ଡର ଭର୍ତ୍ତି କରି ଗୁପ୍ତ ଭାବେ ବ୍ଲାକ ମାର୍କେଟରେ ବିକ୍ରି ହେଉଥିଲା । ବଡ କଥା ହେଲା, ଅଭିଯୁକ୍ତ ପୂର୍ବରୁ ଗ୍ୟାସ ଏଜେନ୍ସୀରେ କାମ କରୁଥିଲେ । ସେହି ଅଭିଜ୍ଞତାକୁ ଦୁରୁପଯୋଗ କରି ସେ ବସ୍ତିର ଲୋକମାନଙ୍କ ନାଁରେ ଗ୍ୟାସ ଖାତା ଖୋଲି ଅପରେଟ୍ କରୁଥିଲେ । ସେମାନଙ୍କ ନାଁରେ ଗ୍ୟାସ ବୁକିଂ କରି ସେହି ଗ୍ୟାସକୁ ବଜାରରେ ବ୍ଲାକ ମାର୍କେଟରେ ବିକ୍ରି କରୁଥିଲେ ।

# ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ
## ୧୦୦ % ଶୁଳ୍କ ଛାଡ଼, ମିଳିବ ୫୦୦୦ ଅସ୍ଥାୟୀ ଭିସା

ନୂଆଦିଲ୍ଲୀ: ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି । ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଏବଂ ନ୍ୟୁଜିଲାଣ୍ଡ ବାଣିଜ୍ୟ ମନ୍ତ୍ରୀ ଟୋଡ ମ୍ୟାକ୍‌ଲେଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ବାଣିଜ୍ୟିକ ଚୁକ୍ତି ଦୁଇ ଦେଶ ମଧ୍ୟରେ ଆର୍ଥିକ ସ୍ଥିତିକୁ ମଜବୁତ କରିବ ବୋଲି ଚୁକ୍ତି ପରେ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋଏଲ । ଏହି ଚୁକ୍ତି ଦ୍ୱାରା ନ୍ୟୁଜିଲାଣ୍ଡରେ ଭାରତୀୟ ଦ୍ରବ୍ୟ ଉପରେ ଶତ ପ୍ରତିଶତ ସୀମା ଶୁଳ୍କ ଛାଡ଼ ହେବା ସହିତ ଆଗାମୀ ୧୫ ବର୍ଷ ପର ?ୟନ୍ତ ୨୦ ବିଲିୟନ ଡଲାର ନିବେଶ କରିବାକୁ ନ୍ୟୁଜିଲାଣ୍ଡ ପ୍ରତିଶ୍ରୁତି ଦେଇଛି । ନ୍ୟୁଜିଲାଣ୍ଡ ଭାରତୀୟ ରପ୍ତାନି ଉପରେ ଲାଗୁ ହୋଇଥିବା ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏଫଟିଏ ଭାରତୀୟ ବୃତ୍ତିଗତମାନଙ୍କୁ ସୀମିତ ଅବଧି ପାଇଁ ନ୍ୟୁଜିଲାଣ୍ଡରେ କାମ କରିବାକୁ ଅନୁମତି ଦେଇଛି । ନ୍ୟୁଜିଲାଣ୍ଡରେ ବୃତ୍ତି ପାଇଁ ଯାଉଥିବା ଭାରତୀୟଙ୍କୁ ୫୦୦୦ 'ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିସା' ପ୍ରଦାନ କରାଯିବ । ଯାହାର ବୈଧତା ତିନି ବର୍ଷ ଯାଏଁ ରହିବ । ଭାରତରୁ ଶୁଳ୍କମୁକ୍ତ ମଦ ଏବଂ ସ୍ପିରିଟ୍ ଓ ନ୍ୟୁଜିଲାଣ୍ଡରୁ ମଦ ରିହାତି ଶୁଳ୍କ ସହିତ ବଜାରରେ ପ୍ରବେଶ କରିବ । ଯାହା ୧୦ ବର୍ଷ ମଧ୍ୟରେ ଧୀରେ ଧୀରେ ବନ୍ଦ କରାଯିବ । କପଡ଼ା, ପ୍ଲାଷ୍ଟିକ୍ ଉତ୍ପାଦ, ଚମଡ଼ା ସାମଗ୍ରୀ ଏବଂ ଇଞ୍ଜିନିୟରିଂ ଉତ୍ପାଦ ସମେତ ବିଭିନ୍ନ ପ୍ରକାରର ଭାରତୀୟ ସାମଗ୍ରୀ - ନ୍ୟୁଜିଲାଣ୍ଡ ବଜାରରେ ସମ୍ପୂର୍ଣ୍ଣ ବିନା ଶୁଳ୍କରେ ବିକ୍ରି କରାଯିବ ।ଏହି ଚୁକ୍ତିନାମା କୃଷି କ୍ଷେତ୍ରରେ ସହଯୋଗକୁ ମଧ୍ୟ ସୁଗମ କରିବ । ନ୍ୟୁଜିଲାଣ୍ଡ ଏହାର ପଶମ, ମଦ, କାଠ, କୋଇଲା ଏବଂ ଆଭୋକାଡୋ ଏବଂ ବ୍ଲୁବେରି ପରି ଫଳ ରପ୍ତାନିରୁ ଲାଭବାନ ହେବ । ଭାରତୀୟ ଚାଷୀମାନଙ୍କୁ କିୱି, ସେଓ ଚାଷ ଏବଂ ମହୁ ଉତ୍ପାଦନରେ ସହାୟତା କରିବା ପାଇଁ ଏକ ଯୋଜନା ଅନ୍ତର୍ଭୁକ୍ତ ରହିଛି ।

ଗତ ବର୍ଷ ଡିସେମ୍ବରରେ ନୂଆଦିଲ୍ଲୀ ଏବଂ ୱେଲିଂଟନର ଦଳଗୁଡ଼ିକ ଆଲୋଚନା ସମାପ୍ତ କରିବା ପରେ ଏହା ଆସିଛି । ଏହି ଚୁକ୍ତିନାମାରେ ମୋଟ ୨୦ଟି ଅଧ୍ୟାୟ ରହିଛି । ଯେଉଁଥିରେ ସାମଗ୍ରୀ ବାଣିଜ୍ୟ, ପ୍ରତିକାର, ବିବାଦ ସମାଧାନ, ଆଇନଗତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବିଷୟ ଅନ୍ତର୍ଭୁକ୍ତ । ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଏହା ନଅ ମାସ ମଧ୍ୟରେ ସମାପ୍ତ ହୋଇଛି, ଏବଂ ଏହାର ଗତି ଦୁଇ ଦେଶ ମଧ୍ୟରେ ବିଶ୍ୱାସର ଗଭୀରତା ଏବଂ ସହଭାଗୀ ମହତ୍ତ୍ୱାକାଂକ୍ଷା'କୁ ପ୍ରତିଫଳିତ କରେ । ଏହି ଏଫଟିଏ ସ୍ୱାକ୍ଷର କରିବା ବିକଶିତ ବିଶ୍ୱ ସହିତ ଭାରତର ସମ୍ପର୍କରେ ଆଉ ଏକ ନିର୍ଣ୍ଣାୟକ ମାଇଲଖୁଣ୍ଟ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୦୪୭ର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବ । ସେ ଆହୁରି କହିଛନ୍ତି ଯେ ପ୍ରାୟ ଚାରି ବର୍ଷ ମଧ୍ୟରେ ଏଫଟିଏର ଏହା ସପ୍ତମ ବାଣିଜ୍ୟ ଚୁକ୍ତିନାମା ଥିଲା । .

# ତାତିରେ ବିଶ୍ୱକୁ ପଛରେ ପକାଇଲା ଦେଶ
## ସବୁଠୁ ଉତ୍ତପ୍ତ ସହର ତାଲିକାରେ ୧୦୦ରୁ ୯୫ ଭାରତର, ମେ'ରେ ସ୍ଥିତି ଆହୁରି ଭୟଙ୍କର

ନୂଆଦିଲ୍ଲୀ, ୨୭।୪: ସମଗ୍ର ଭାରତ ଏବେ ତାପର ତାଣ୍ଡବରେ ଜଳୁଛି । ଏପ୍ରିଲ୍ ମାସରୁ ହିଁ ଯେମିତି ମେ'ର ରୁଦ୍ର ରୂପ ଦେଖାଯାଉଛି । ସୂର୍ଯ୍ୟଙ୍କ ପ୍ରକୋପ ଦିନକୁ ଦିନ ଭୟାବହ ରୂପ ନେଉଥିବା ବେଳେ ଏକ ଚାଞ୍ଚଲ୍ୟକର ତଥ୍ୟ ସମସ୍ତଙ୍କୁ ଆତଙ୍କିତ କରିଦେଇଛି । ଭାରତ ଏବେ ବିଶ୍ୱର 'ଗ୍ଲୋବାଲ୍ ହିଟ୍ ଏପିକସେଣ୍ଟର'ରେ ପରିଣତ ହୋଇଛି ।

ରିପୋର୍ଟ ଅନୁଯାୟୀ, ପୃଥିବୀର ୧୦୦ଟି ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ୯୫ଟି କେବଳ ଭାରତରେ ଅବସ୍ଥିତ । ଏହି ତଥ୍ୟ ମାତ୍ର ଗଣନା ନୁହେଁ, ବରଂ ଏକ ଭୟଙ୍କର ସତର୍କ ସଙ୍କ ?ତ । ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ଆକାଶରୁ ନିଆଁ ବର୍ଷୁଥିବା ପରି ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ସ୍ଥାନରେ ପାରଦ ୪୫ ଡିଗ୍ରୀ ସେଲସିୟସ୍‌କୁ ଅତିକ୍ରମ କରିଛି, ଯାହା ଲୋକଙ୍କ ଜୀବନକୁ ଅସହ୍ୟ କରିଦେଇଛି ।ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡ଼ା, ବଲାଙ୍ଗୀର ଓ ସୁନ୍ଦରଗଡ଼ରେ ତାପମାତ୍ରା ରେକର୍ଡ ଛୁଇଁଛି । ଦିନବେଳେ ଘରୁ ବାହାରିବା ମାନେ ଅଗ୍ନିପରୀକ୍ଷା । ଝାଞ୍ଜି ପବନ ଓ ତୀବ୍ର ଖରା ଲୋକଙ୍କୁ ଅସହାୟ କରୁଥିବା ବେଳେ ଅଂଶୁଘାତର ଆଶଙ୍କା ବଢ଼ିଛି । ବିଶେଷଜ୍ଞମାନେ କହୁଛନ୍ତି,ଏଲ୍-ନିନୋ ପ୍ରଭାବ, ବଢୁଥିବା ପ୍ରଦୂଷଣ, ସବୁଜ ଆବରଣର ହ୍ରାସ ଓ ଅତ୍ୟଧିକ ସହରୀକରଣ ଏହି ଭୟଙ୍କର ପରିସ୍ଥିତି ପଛରେ ମୂଳ କାରଣ । ପୂର୍ବରୁ ଏପ୍ରିଲ୍ ମାସରେ ମଧ୍ୟମ ତାପମାତ୍ରା ଅନୁଭୂତ ହେଉଥିବା ବେଳେ ଏବେ ସେହି ସୀମା ଭାଙ୍ଗି ରେକର୍ଡ ସ୍ତରକୁ ପହଞ୍ଚିଛି ।

ଆଇଏମଡି ଅନୁଯାୟୀ, ଏପ୍ରିଲ୍ ୨୮ ପରେ କିଛି ଅଞ୍ଚଳରେ ହାଲୁକା ବର୍ଷା ସମ୍ଭାବନା ଥିଲେ ମଧ୍ୟ, ମେ' ମାସରେ ଏହି ତାପ ଆହୁରି ବଢ଼ିବାର ଆଶଙ୍କା ରହିଛି । ଏହି ଭୟାବହ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ସତର୍କତା ଜାରି କରିଛି ଯେ, ଅତ୍ୟାବଶ୍ୟକ ନହେଲେ ଘରୁ ବାହାରନ୍ତୁନି, ପର୍ଯ୍ୟାପ୍ତ ପାଣି ପିଉନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ ।

ଦିଲ୍ଲୀ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶ ସମେତ ଉତ୍ତର ଭାରତର ଅନେକ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଝଡ଼ବର୍ଷା, ବର୍ଷା କିଛି ରାଜ୍ୟରେ ଆଶ୍ୱସ୍ତିର ସଙ୍କେତ ଦେଇଛି । ସବୁଠାରୁ ଗୁରୁତର ପ୍ରଭାବ ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ଅନୁଭୂତ ହୋଇଥିଲା, ଯେଉଁଠାରେ ପାରଦ ୪୬ ଡିଗ୍ରୀ ସେଲସିୟସ ପାଖାପାଖି ପହଞ୍ଚିଥିଲା । ବାନ୍ଦା ସବୁଠାରୁ ଉତ୍ତପ୍ତ ଜିଲ୍ଲା ଥିଲା, ଯାହାର ତାପମାତ୍ରା ୪୬.୬ ଡିଗ୍ରୀ ସେଲସିୟସ ଥିଲା, ଯେତେବେଳେ ରାଜସ୍ଥାନର କୋଟା ୪୪.୮ ଡିଗ୍ରୀ ସେଲସିୟସ ଏବଂ ଚୁରୁ ୪୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ରାଜସ୍ଥାନର ୧୦ଟି ସହରରେ ପାରଦ ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିବା ସୂଚାଇ ଦେଇଛି ଯେ ଗରମ ବ୍ୟାପକ ଭାବରେ ବ୍ୟାପିଛି ।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଗାମୀ ଦୁଇ ଦିନ ପାଇଁ ଆଶ୍ୱସ୍ତି ରହିବ । ଉତ୍ତର ପ୍ରଦେଶର ବାନ୍ଦା ଏବଂ ପ୍ରୟାଗରାଜରେ ଗ୍ରୀଷ୍ମ ପ୍ରବାହ ଲୋକଙ୍କ ଦୈନିନ କାର୍ଯ୍ୟକୁ ବ୍ୟାହତ କରିଛି । କାନପୁରରେ ମଧ୍ୟ ୪୫.୭ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ସୋମବାର ପର୍ଯ୍ୟନ୍ତ ଗରମ ପ୍ରବାହ ଜାରି ରହିବ ବୋଲି ଆଶା କରାଯାଉଛି, ମଙ୍ଗଳବାରଠାରୁ କିଛି ଆଶ୍ୱସ୍ତି ଆଶା କରାଯାଉଛି ।

ରାଜସ୍ଥାନରେ ଗ୍ରୀଷ୍ମ ପ୍ରବାହ ଭଳି ପରିସ୍ଥିତି ଜାରି ରହିଛି । ପଶ୍ଚିମ ଏବଂ ପୂର୍ବ ଅଂଶ ସ୍ପଷ୍ଟ ଭାବରେ ଗରମପ୍ରବାହ ଅନୁଭବ କରୁଛି । ଉତ୍ତରାଖଣ୍ଡରେ ଏପ୍ରିଲ ମାସର ଗରମ ୧୭ ବର୍ଷର ରେକର୍ଡ ଭାଙ୍ଗିଛି । ଡେରାଡୁନରେ ତାପମାତ୍ରା ୩୯.୨ ଡିଗ୍ରୀରେ ପହଞ୍ଚିବା ଏବଂ ସମତଳ ଅଞ୍ଚଳରେ ଗରମପ୍ରବାହ ଆଶଙ୍କା ଥିବାରୁ, ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି, ଯାହା ଏହି ଗରମପ୍ରବାହ ଦ୍ୱାରା ସୃଷ୍ଟି ହୋଇଥିବା ସଙ୍କଟର ଗମ୍ଭୀରତାକୁ ସ୍ପଷ୍ଟ କରିଦେଇଛି । ରବିବାର ହରିଦ୍ୱାର ଏବଂ ଉଧମ ସିଂହ ନଗରରେ ମଧ୍ୟ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି । ଏହି ସମୟରେ, ପାହାଡିଆ ଜିଲ୍ଲାଗୁଡ଼ିକରେ ଶିଳାବୃଷ୍ଟି ଏବଂ ବଜ୍ରପାତ ପାଇଁ ଏକ କମଳା ଆଲର୍ଟ ଜାରି କରାଯାଇଛି । ହିମାଚଳରେ, ଉନା, କାଙ୍ଗଡ଼ା, କୁଲ୍ଲୁ, ମାଣ୍ଡି ଏବଂ ସୋଲାନ ପାଇଁ ଏକ ଗରମପ୍ରବାହ ଚେତାବନୀ ସ୍ପଷ୍ଟ କରିଛି ଯେ ଗରମ ମଧ୍ୟ ପାହାଡିଆ ରାଜ୍ୟକୁ ପ୍ରଭାବିତ କରୁଛି । ଉନାରେ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଛି । ଅନେକ ସ୍ଥାନରେ ସାଧାରଣଠାରୁ ଦୁଇରୁ ସାତ ଡିଗ୍ରୀ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି । ବିହାରରେ ଚିତ୍ର କିଛିଟା ଭିନ୍ନ ରହିଛି । ପ୍ରବଳ ଗରମ ମଧ୍ୟରେ, ରବିବାର ପାଗ ପରିବର୍ତ୍ତନ ହୋଇଥିବା ପରି ମନେ ହେଉଛି ।

### ଜଗନ୍ନାଥ ମନ୍ଦିର ମଡେଲ୍‌ରେ ଲିଙ୍ଗରାଜ
## ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର, ୨୭।୪(ନି.ପ୍ର.): ଲିଙ୍ଗରାଜ ମନ୍ଦିର ପାଇଁ ଆସୁଛି ଏକ ବଡ଼ ପରିବର୍ତ୍ତନ । ଶ୍ରୀଲିଙ୍ଗରାଜ ମନ୍ଦିରର ସଂସ୍କାର ଓ ସୁଚାରୁ ପରିଚାଳନା ପାଇଁ ଖୁବ ଶୀଘ୍ର ଏକ ସ୍ୱତନ୍ତ୍ର ଆଇନ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । ଏହାକୁ ନେଇ ଲୋକସେବା ଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କମିଟିର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଛି ।

କମିଟି ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ କହିଛନ୍ତି, ଏହି ରିପୋର୍ଟରେ ମନ୍ଦିରର ନୀତିକାନ୍ତି, ସୁରକ୍ଷା ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ଉପରେ ଦର୍ଶାଯାଇଛି । ଜାନୁଆରୀ ୨୦୨୬ରେ ପ୍ରଥମ ରିପୋର୍ଟ ଆସିଥିବା ବେଳେ, ଏହି ଦ୍ୱିତୀୟ ରିପୋର୍ଟ ମନ୍ଦିର ପରିଚାଳନାକୁ ଆହୁରି ସୁସ୍ଥିର କରିବାର ଦିଗରେ ବଡ଼ ପଦକ୍ଷେପ ମନାଯାଉଛି ।

ବିଶେଷ କଥା ହେଲା, ପୁରୀର ଜଗନ୍ନାଥ ମନ୍ଦିର ପରି ମଧ୍ୟ ଏଠାର ବ୍ୟବସ୍ଥା କରାଯିବ । ଏହି ରିପୋର୍ଟରେ ଭକ୍ତ, ସେବାୟତ, ASI ଓ ଆଇନ ବିଶେଷଜ୍ଞମାନଙ୍କ ମତାମତକୁ ସମ୍ମିଳିତ କରାଯାଇଛି । କମିଟି ଗଠନ ପରେ ମନ୍ଦିରରେ ବିଶୃଙ୍ଖଳା କମିଥିବା ଦେଖାଯାଉଛି, ଯାହା ଏହି ପଦକ୍ଷେପର ସଫଳତାକୁ ସୂଚାଉଛି ।

ଆଗାମୀ ଦିନରେ ଅଧିକ ମତ ସଂଗ୍ରହ କରି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବ ଏବଂ ପରେ ଏହାକୁ ଆଇନର ଆକାର ଦିଆଇବ । ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶୃଙ୍ଖଳା, ସୁରକ୍ଷା ଓ ଭକ୍ତସେବାରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ।

### ଡାହୁକ



ଧରି ଡବଲ ଶାସନ କଳକୁ
ଯେତେ ଲାଗିଲେବି ଫନ୍ଦି
ମୋଦି ଶାହାଙ୍କର ଅକଲ ଗୁମୁଗୁ
କଲେଣି ମମତା ଦିଦି
ସତେକି ଯେମିତି ପରାଜୟ ଭୟେ
ଆଖିରୁ ଛଟିଛି ନିଦ
ସୁରକ୍ଷା କର୍ମୀଙ୍କୁ ଦେଖିଲେ ଲାଗୁଛି
ନିର୍ବାଚନ ନୁହେଁ ଯୁଦ୍ଧ

# ସିଜିମାଳି ପାଇଁ ଲଢ଼େଇ ଜାରି ରଖିବ ଯୁବ କଂଗ୍ରେସ
## ରାୟଗଡା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଯୁବ କଂଗ୍ରେସର ସତ୍ୟାଗ୍ରହ

ଭୁବନେଶ୍ୱର, ୨୭।୪(ନି.ପ୍ର.): ଡବଲ ଇଞ୍ଜିନ ସରକାର ଓଡିଶାବାସୀ ଏବଂ ଆଦିବାସୀ ମାନଙ୍କ ସହିତ ଯେଉଁଭଳି ଭାବରେ ପ୍ରତାରଣା କରିଛନ୍ତି ତାର ଉଦାହାଣ ହେଉଛି ସିଜିମାଳି । ଜଙ୍ଗଲ ଆଇନ ମାଧ୍ୟମରେ ଆଦିବାସୀ ମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ? ପ୍ରଶାସନ ବିଜେପି ସରକାରର ଚାଟୁକାରିତା ସାଜି ଆଦିବାସୀ ମାନଙ୍କ ଉପରେ ଦମନଲୀଳା ଚଲାଇଛି । କାଶିପୁର ବ୍ଲକ ସିଜିମାଳି ଅଞ୍ଚଳକୁ ଯେଉଁଭଳି ଭାବରେ ବିଜେପି ସରକାର କମ୍ପାନୀ ହାତରେ ଟେକିଦେଇଛି ଏହାକୁ ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି । ଯୁବ କଂଗ୍ରେସ ପକ୍ଷରୁ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଆଦିବାସୀ ମାନଙ୍କର ଅଧିକାର ପାଇଁ ରାୟଗଡା ଜିଲ୍ଲାପାଳଙ୍କ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା । ସତ୍ୟାଗ୍ରହ କରିବା ସହିତ ଶ୍ରୀ ପାତ୍ର ସିଜିମାଳି ଅଞ୍ଚଳ ମଧ୍ୟ ଗସ୍ତ କରିଥିଲେ କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହିତ । ସତ୍ୟାଗ୍ରହ ସମୟରେ ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଶ୍ରୀ ଉଦୟ ଭାନୁ ଚିବ ଏବଂ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ ଶ୍ରୀ ମନିଷ ଶର୍ମା ଯୋଗଦେଇ ଡବଲ ଇଞ୍ଜିନ ସରକାରକୁ ତାଙ୍କ ପ୍ରତିକ୍ରିୟା ମାଧ୍ୟମରେ କହିଥିଲେ ଯେ ଏ ସରକାର ଜନବିରୋଧି ଏବଂ ଆଦିବାସୀ ବିରୋଧି ସରକାର ପୁଞ୍ଜିପତି ମାନଙ୍କ ପାଖରେ ଏ ସରକାର ସମର୍ପଣ ହୋଇଯାଇଛି । ସାଧାରଣ ଜନତାଙ୍କ ସରକାର କହି କ୍ଷମତାକୁ ଆସିଥିବା ଓଡିଶାର ବିଜେପି ସରକାର ଓଡିଶାବାସୀଙ୍କର ଭାବାବେଗ ସହିତ ଖେଳ ଖେଳୁଛି । ନୀରିହ ଆଦିବାସୀ ମାନଙ୍କ ପାଖରେ ପୋଲିସ ପ୍ରଶାସନକୁ ଲଗାଇ ଯେଉଁଭଳି ଭାବରେ ସିଜିମାଳିରେ ଦମନଲୀଳା କରାଗଲା ଏହା କ'ଣ ଥିଲା ଓଡିଆ ଅସ୍ମିତା । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଯେଉଁଭଳି ଭାବରେ ଦମନଲୀଳା ଚଲାଇଛନ୍ତି ଆଦିବାସୀ ମାନଙ୍କ ଉପରେ ଏଥିରୁ ନିବୃତ ରୁହନ୍ତୁ ନଚେତ ଯୁବ କଂଗ୍ରେସ ଆଦିବାସୀ ମାନଙ୍କର ଅଧିକାର ପାଇଁ ଲ ? ?ଇ ଜାରି ରଖିବ । କଂଗ୍ରେସ ଦଳ ଏବଂ ଯୁବ କଂଗ୍ରେସ ସବୁବେଳେ ସାଧାରଣ ଲୋକମାନଙ୍କ ପାଇଁ ସଂଗ୍ରାମ ଏବଂ ସଂଘର୍ଷ କରିଆସିଛି । ଆଦିବାସୀ ମାନଙ୍କର ହକ ପାଇଁ ଯୁବ କଂଗ୍ରେସ ସବୁବେଳେ ଏବଂ ସବୁ ସମୟରେ ସରକାର ଏବଂ ପ୍ରଶାସନ ସହ ଲ ? ?ଇ କରିବାକୁ ପ୍ରସ୍ତୁତ ଅଛି । ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସଂପାଦକ ସୁଦିପ ସାମଲ, ଗୋପନ ମାର୍ଥା, ଅଭିଜିତ ଜେନା, ଗଣେଶ ସାହୁ, ସୁରଜ ବେହେରା, ଅମିତ ଆଚାର୍ଯ୍ୟ, ଆଲୋକ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ସୁଶ୍ରୀ ବେହେରା, ମୋହନ ନାୟକ, ଜ୍ଞାନରଞ୍ଜନ ରାଉତ, କୃଷ୍ଣ ମହାନ୍ତି, ବିଶ୍ୱଜିତ ଲେଙ୍କା, କାର୍ତ୍ତିକେଶ୍ୱର କାଣ୍ଡି, ବେଣୁପାଣି ଦୁର୍ଗା, ଅମିତ ଆଇଚ, ସାହାରୁଖ ଖାନ ପ୍ରମୁଖ ସତ୍ୟାଗ୍ରହରେ ଯୋଗଦେଇ ଡବଲ ଇଞ୍ଜିନ ସରକାର ବିରୋଧରେ ମନ୍ତବ୍ୟ ରଖିଥିଲେ ।